# ଡଃ ବେଦାଙ୍ଗଦାସଙ୍କୁ ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର

କଟକ, ୨୭।୯ (ଆ.ପ୍ର): କଟକ ମାଟିର ସନ୍ତାନ ଭୁବନେଶ୍ୱରସ୍ଥ 'ନାଇସର'ର ଆସୋସିଏଟ୍ ପ୍ରଫେସର ଡଃ ବେଦାଙ୍ଗଦାସ ମହାନ୍ତି ପଦାର୍ଥ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ 'ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର-୨୦୧୫' ପାଇବାକୁ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ବିଭାଗର ସଚିବ ଓ ମହାନିର୍ଦ୍ଦେଶକ ଗିରିଶ ଶାହାନୀ ଏ ପରିପ୍ରେକ୍ଷୀରେ ଏକ ଅଭିନନ୍ଦନ ପତ୍ର ଡଃ ଦାସଙ୍କ ନିକଟକୁ ପଠାଇଛନ୍ତି। 'ନାଇସର' ଓ 'ଆଇସର' ଭଳି ଗବେଷଣାତ୍ମକ ଶିକ୍ଷାନୁଷ୍ଠାନ ଦେଶରେ ତା'ର ସ୍ୱାତନ୍ତ୍ର୍ୟ ଜାହିର କରୁଥିବା ବେଳେ 'ନାଇସର'ର ଜଣେ ଆସୋସିଏଟ୍ ପ୍ରଫେସର ଏଭଳି ପୁରସ୍କାର ପାଇଁ ମନୋନୀତ ହେବା ପ୍ରଥମ ଘଟଣା। ଆହୁରି ମଧ୍ୟ ପଦାର୍ଥ ବିଜ୍ଞାନ ବିଭାଗରେ ଓଡ଼ିଶାରୁ ଏଭଳି ପୁରସ୍କାର ପୂର୍ବରୁ କେହି ପାଇନଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡଃ ମହାନ୍ତିଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର, ସ୍ମୃତିଫଳକ ଓ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ୨୦୧୬ ଜାନୁୟାରୀ ପହିଲାଠାରୁ ଡଃ ମହାନ୍ତିଙ୍କୁ ୬୫ ବର୍ଷ ହେବା ପର୍ଯ୍ୟନ୍ତ ମାସିକ ୧୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ମିଳିବ।



ବେଦାଙ୍ଗଦାସ ମହାନ୍ତି

**ଉଦ୍ଭାବନ :**

ଡଃ ବେଦାଙ୍ଗଦାସ କହନ୍ତି, ୟୁନିଭର୍ସର ବୟସ ଯେତେବେଳେ 'ଟେନ୍ ଟୁ ଦି ପାୱାର ମାଇନସ୍ ସିକ୍ସ ଏସ୍' ଥିଲା ସେହି ପଦାର୍ଥକୁ ଲାବ୍‌ରେ ତିଆରି କରାଯାଇପାରିଛି। ସେ କହନ୍ତି ୟୁନିଭର୍ସ ତିଆରି ବେଳେ ମ୍ୟାଟର ଓ ଆଣ୍ଟି ମ୍ୟାଟର ସମାନ ପରିମାଣରେ ଥିଲା। ଏବେ ମ୍ୟାଟର ସର୍ବତ୍ର ଦେଖାଯାଉଛି; କିନ୍ତୁ ଆଣ୍ଟି ମ୍ୟାଟର ଦେଖାଯାଉନି। ୨୦ଟି ଦେଶ ଓ ୧୨୫ଟି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଗଠିତ ଏକ ଦଳର ନେତୃତ୍ୱ ନେଇଥିଲେ ଡଃ ମହାନ୍ତି। ଗବେଷଣା ପ୍ରସୂତ ଫଳ ସ୍ୱରୂପ ହେଭିଏଷ୍ଟ ଆଣ୍ଟି ମ୍ୟାଟରକୁ ଲାବ୍‌ରେ ଉଦ୍ଭାବନ କରାଯାଇପାରିଛି। ସେ କହନ୍ତି ସମଗ୍ର ଦୁନିଆରେ ଆମେ ଯେଉଁ ଜିନିଷ ସବୁ ଦେଖିପାରୁଛୁ ତାହାର ମାତ୍ରା ମାତ୍ର ୪ ପ୍ରତିଶତ। ବଳକା ୯୬ ପ୍ରତିଶତ ମ୍ୟାଟର ଆମେ ଦେଖିପାରୁନୁ। ତାହା ମଧ୍ୟ କେଉଁଥିରେ ତିଆରି କେହି ଜାଣିନାହାନ୍ତି। ତାହାକୁ ଡାର୍କ ଏନର୍ଜୀ ବା ଡାର୍କ ମ୍ୟାଟର କୁହାଯାଉଛି, ଯାହା ଉପରେ ଗବେଷଣା ଏବେ ଚାଲିଛି। ଲାବ୍ ଟେଷ୍ଟିଂ ପାଇଁ ଡଃ ମହାନ୍ତି ସୁଇଜରଲ୍ୟାଣ୍ଡର ଜେନେଭାସ୍ଥିତ ସି.ଇ.ଆର.ଏନ୍ ଓ ଆମେରିକାର ନ୍ୟୁୟର୍କସ୍ଥିତ ଆର୍. ଏଚ୍. ଆଇ. ସି ଯାଇଥାନ୍ତି ଓ ଟେଷ୍ଟିଂ ପରେ ତାହାର ତଥ୍ୟ ଆଣି ପର୍ଯ୍ୟାଲୋଚନା କରିଥାନ୍ତି।

**ଶିକ୍ଷା ଓ ସମ୍ମାନ :**

ଷ୍ଟିୱାର୍ଟ ସ୍କୁଲରୁ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ମହାବିଦ୍ୟାଳୟରୁ ୧୯୯୪ରେ ଶ୍ରେଷ୍ଠ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୯୬ରେ ପଦାର୍ଥ ବିଜ୍ଞାନ ବିଭାଗରେ ସ୍ୱର୍ଣ୍ଣପଦକ ପାଇବା ପରେ ଡଃ ମହାନ୍ତି ଗବେଷଣା ପ୍ରତି ଆକୃଷ୍ଟ ହୋଇଥିଲେ। ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଓ ଆମେରିକାର ସି.ଇ.ଆର.ଏନ୍ ଅନୁଷ୍ଠାନ ସହାୟତାରେ ସେ ୨୦୦୨ରେ ପିଏଚ୍‌ଡି ଉପାଧି ପାଇଥିଲେ। ତାଙ୍କ ଗବେଷଣାତ୍ମକ ନିବନ୍ଧ ଇଣ୍ଡିଆନ୍ ଫିଜିକ୍ସ ଆସୋସିଏସନ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଥିଲା। ୨୦୦୩ରୁ ୨୦୧୨ ସେ କେନ୍ଦ୍ର ସରକାରଙ୍କ ଆଟମିକ ଏନର୍ଜି ବିଭାଗର କଲକାତା କାର୍ଯ୍ୟାଳୟରେ ଜଣେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟରେ ୨୦୦୬-୦୭ରେ ବରକ୍ଲେ ଓ ନ୍ୟୁୟର୍କରେ ତାଙ୍କୁ ପୋଷ୍ଟ ଡକ୍ଟରାଲ ଫେଲୋସିପ ମିଳିଥିଲା। ଆମେରିକାରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିଲେ ହେଁ ସେ ତାହା ଗ୍ରହଣ ନକରି ଭାରତକୁ ଫେରି ଆସିଥିଲେ। ୨୦୧୨ରୁ ସେ 'ନାଇସର'ରେ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ପ୍ରଦତ୍ତ ଦେଶର ଦ୍ୱିତୀୟ ସର୍ବୋତ୍ତମ ବୈଜ୍ଞାନିକ ପୁରସ୍କାର-ସ୍ୱର୍ଣ୍ଣ ଜୟନ୍ତୀ ଫେଲୋସିପ(୨୦୧୧), ଆଟମିକ ଏନର୍ଜି ବିଭାଗ ଅନ୍ତର୍ଗତ ସାଇନ୍ସ ରିସର୍ଚ୍ଚ କାଉନସିଲ ପକ୍ଷରୁ ଆଉଟ୍‌ଷ୍ଟାଣ୍ଡିଂ ରିସର୍ଚ୍ଚ ଇନ୍‌ଭେଷ୍ଟିଗେଟର(୨୦୧୦), ବୈଜ୍ଞାନିକ ସ୍ୱର୍ଗତ ଡଃ ଅବଦୁଲ କଲାମଙ୍କଠାରୁ ଯୁବ ବୈଜ୍ଞାନିକ ପୁରସ୍କାର(୨୦୦୬), ଇଣ୍ଡିଆନ୍ ନେସନାଲ ସାଇନ୍ସ ଏକାଡେମୀ ପକ୍ଷରୁ ଯୁବ ବୈଜ୍ଞାନିକ ପୁରସ୍କାର(୨୦୦୩) ଓ କେନ୍ଦ୍ର ସରକାରଙ୍କ ବୋର୍ଡ ଅଫ୍ ରିସର୍ଚ୍ଚ ଇନ୍ ନ୍ୟୁକ୍ଲିୟର ସାଇନ୍ସ ପକ୍ଷରୁ ଡଃ କେ. ଏସ. କୃଷ୍ଣନ୍ ଫେଲୋସିପ(୨୦୦୨) ଭଳି ଅନେକ ମର୍ଯ୍ୟାଦାଜନକ ସମ୍ମାନ ଓ ପୁରସ୍କାର ଡଃ ମହାନ୍ତି ପାଇଛନ୍ତି। ତୁଳସୀପୁର ମଠସାହି ନିବାସୀ ଦୁର୍ଗାଦାସ ଓ ସ୍ୱାଧୀନା ମହାନ୍ତିଙ୍କ ପୁତ୍ର ଡଃ ବେଦାଙ୍ଗଦାସ କହନ୍ତି ଓଡ଼ିଶାରେ ଆଗରୁ ପର୍ଯ୍ୟାପ୍ତ ସୁଯୋଗ ନଥିଲା। ଏବେ ଓଡ଼ିଶାରେ ଶିକ୍ଷାଲାଭ କରି ମଧ୍ୟ ଜଣେ ମେଧାବୀ ନିଜ ଅଧ୍ୟବସାୟ ବଳରେ ଦେଶର ଶ୍ରେଷ୍ଠ ବୈଜ୍ଞାନିକ ପୁରସ୍କାର ପାଇପାରିବ। ଓଡ଼ିଶାରେ ନାଇସର, ଆଇଆଇଟି, ଆଇଆଇଏମ୍ ଓ ଭବିଷ୍ୟତରେ ଆଇସର ଭଳି ଶିକ୍ଷାନୁଷ୍ଠାନ ଆସୁଥିବାରୁ ଓଡ଼ିଆ ଛାତ୍ରଛାତ୍ରୀ ତାହାର ଭରପୂର ସୁଯୋଗ ନେବା ଉଚିତ ବୋଲି ସେ କହନ୍ତି।